## ସମନ୍ବିତ ଜଳବିଭାଜିକା ପରିଚାଳନା କାର୍ଯ୍ୟକ୍ରମର ଲକ୍ଷ୍ୟ

- ପ୍ରାକୃତିକ ସମ୍ପଦର ସଂରକ୍ଷଣ ଓ ବିକାଶକରି ପରିବେଶକୁ ସନ୍ତୁଳିତ ରଖିବା
- ବର୍ଷା ଜଳର ସୁପରିଚଳନା କରି ମରୁଡି, ବନ୍ୟା ଭଳି ପ୍ରାକୃତିକ ଦୁର୍ବିପାକର ମୁକାବିଲା କରିବା
- ନିରନ୍ତର ଓ ସ୍ଥାୟୀ ଜୀବିକା ପାଇଁ କ୍ଷେତ୍ର ପ୍ରସ୍ତୁତ କରିବା
- କର୍ମନିଯୁକ୍ତି ସୃଷ୍ଟି ଏବଂ ଦକ୍ଷତା ବୃଦ୍ଧି ଦ୍ବାରା ମାନବ ସମ୍ବଳର ବିକାଶ କରିବା
- ସହଜରେ ଉପଲବ୍ଧ, ସ୍ଥାନୀୟ, ସରଳ ଓ ଗ୍ରହଣଯୋଗ୍ୟ ବ୍ୟବସାୟିକ ଜ୍ଞାନକୌଶଳକୁ ପ୍ରୋସାହିତ କରିବା

## ପ୍ରାକୃତିକ ସମ୍ପଦର ସୁପରିଚାଳନା କାର୍ଯ୍ୟକ୍ରମ

ସମନ୍ବିତ ଜଳବିଭାଜିକା ପରିଚାଳନା କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇଥିବା ଗ୍ରାମରେ ପ୍ରାକୃତିକ ସମ୍ପଦର ସୁପରିଚାଳନା କରି କୃଷି, ଉଦ୍ୟାନକୃଷି, ପଶୁପାଳନ ଓ ମତ୍ସ୍ୟପାଳନର ବିକାଶ ନିମନ୍ତେ ବହୁମୁଖୀ ପଦକ୍ଷେପ ନିଆଯିବ |

- ପତିତ ତଥା ଅବ୍ୟବହୃତ ଜମିର ଉନ୍ନୟନ କରିବା
- ବନୀକରଣ ମାଧ୍ୟମରେ ପରିବେଶର ସନ୍ତୁଳନ ରଖିବା
- ଢିଲା ପଥର ବନ୍ଧ, ପ୍ରବାହ ଜଳ ପରିଚାଳନା, ଜମି ହୁଡା ଇତ୍ୟାଦି ଦ୍ବାରା ମୃତ୍ତିକା ସଂରକ୍ଷଣ କରିବା
- ଜଳ ଅମଳ ପ୍ରକଳ୍ପ ଓ ପକ୍କା ଆଡିବନ୍ଧ ଦ୍ବାରା ଜଳ ସଂରକ୍ଷଣ କରିବା
- କ୍ଷେତ୍ର ପୋଖରୀ (ଚହଲା) ଖନନ କରି ଫସଲକୁ ମରୁଡି ଦାଉରୁ ବଂଚାଇବା
- ନୂତନ କୂପ ଖନନ ଓ କୂପ ପୁନରୁଦ୍ଧାର ଦ୍ବାରା ରବି ଫସଲକୁ ପ୍ରୋତ୍ସାହନ ଦେବା

## ଜୀବିକା ନିର୍ବାହ ସମ୍ବନ୍ଧୀୟ କାର୍ଯ୍ୟକ୍ରମ

ସମନ୍ବିତ ଜଳବିଭାଜିକା କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରକଳ୍ପ ଅନ୍ତର୍ଭୁକ୍ତ ଗ୍ରାମ ମାନଂକରେ ମହିଳା ସ୍ବୟଂ ସହାୟକ ଦଳ ଓ ବ୍ୟବହାରିକ ଦଳ ଦ୍ବାରା ଜୀବକା ନିର୍ବାହ ପାଇଁ ବହୁମୁଖୀ ପଦକ୍ଷେପ ନିଆଯିବ

- ଗରିବ ମହିଳାମାନଂକୁ ନେଇ ସ୍ବୟଂ ସହାୟକ ଦଳ ଓ ବ୍ୟବହାରିକ ଦଳ ଦ୍ବାରା ସଂଗଠିତ କରିବା
- ସ୍ବୟଂ ସହାୟକ ଦଳର ସଶକ୍ତିକରଣ
- ବ୍ୟାଂକ ଓ ଅନ୍ୟ ସରକାରୀ ସଂସ୍ଥା ସହ ସଂଯୋଗୀକରଣ
- ଜୀବିକା ବୃଦ୍ଧି ପାଇଁ ଆର୍ଥିକ ସହାୟତା
- ମତ୍ସ୍ୟ ଓ ପଶୁପାଳନ ନିମନ୍ତେ ପ୍ରୋତ୍ସାହନ
- ବନଜାତ ଓ କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣକୁ ପ୍ରୋତ୍ସାହନ
- ଉତ୍ପାଦିତ ଦ୍ରବ୍ୟର ବଜାର ବ୍ୟବସ୍ଥା





OFSDP

ଅବବାହିକା ପରିଚାଳନା ପ୍ରକଳ୍ପ


ଷ୍ଟେଟ୍ ନୋଡାଲ୍ ୟୁନିଟ୍

ଏସ.ଏଫ୍.ଟି.ଆର୍.ଇ. ବିଲ୍ଡିଂଗ

ଘାଟିକିଆ, ଭୁବନେଶ୍ବର୍- ୭୫୧୦୦୩


# ଅବବାହିକା ପରିଚାଳନା ପ୍ରକଳ୍ପ







# ଜଳବିଭାଜିକା ସଂଗଠନ ଓ ନିର୍ବାହୀ କମିଟି ର ଗଠନ ଓ ପରିଚାଳନା

## ସଂଜ୍ଞା:

ଜଳବିଭାଜିକା ସଂଗଠନ ଏକ ଏଭଳି ନିରପେକ୍ଷ ଓ ଗଣତାନ୍ତ୍ରିକ ସଂସ୍ଥା ଯାହା ଜଳବିଭାଜିକାରେ ବସବାସ କରୁଥିବା ଲୋକମାନଙ୍କୁ ନେଇ ଗଠିତ ହୁଏ ଏବଂ ଜଳବିଭାଜିକାର ବିକାଶ ଓ ପରିଚାଳନା ପାଇଁ କାର୍ଯ୍ୟ କରେ ।

## ଗଠନ ପ୍ରକ୍ରିୟା:

ପ୍ରାରମ୍ଭିକ ଗୋଷ୍ଠୀ ସଚେତନତା ପ୍ରକ୍ରିୟା ପରେ ପ୍ରକଳ୍ପ ନିର୍ବାହୀ ଅଧିକାରୀ (ପି. ଆଇ. ଏ ) ଜଳବିଭାଜିକା ସ୍ତରରେ ଏକ ସଭାର ଆୟୋଜନ କରିବେ । ଗୋଷ୍ଠୀର ସମ୍ମତି କ୍ରମେ ପ୍ରକଳ୍ପ ନିର୍ବାହୀ ଅଧିକାରୀ ଜଳବିଭାଜିକା ସଂଗଠନ ତିଆରି କରିବେ । ଏହି ସଂଗଠନ ସୋସାଇଟି ରେଜିଷ୍ଟ୍ରେସନ ଆଇନ ୧୮୬୦ ଅନୁଯାୟୀ ପଂଜୀକୃତ କରାଯାଇପାରିବ । ଗୋଷ୍ଠୀର ସମ୍ମତି ନେବାପରେ ପ୍ରତ୍ୟେକ ଜଳବିଭାଜିକା ସଂଗଠନକୁ ଏକ ସ୍ୱତନ୍ତ୍ର ନାମ ଦିଆଯିବ । ସାଧାରଣତଃ ଜଳବିଭାଜିକାର ମୁଖ୍ୟ ନାଳ କିମ୍ବା ମୁଖ୍ୟ ଗ୍ରାମ ଅଥବା ଅନ୍ୟ କୌଣସି ନାମ ଅନୁସାରେ ଏହା ନାମିତ ହେବା ଉଚିତ ।

## ଜଳବିଭାଜିକା କମିଟି ସଦସ୍ୟ:

ଜଳବିଭାଜିକା କମିଟିରେ ନିର୍ବାଚିତ, ନୋମୀନେଟେଡ୍ ଓ ଏକସ୍ ଅଫିସିଓ ସଦସ୍ୟ ଥିଲେ ମଧ୍ୟ କେବଳ ନିର୍ବାଚିତ ସଦସ୍ୟମାନେ ହିଁ ନିଷ୍ପତ୍ତି ନେଇ ପାରିବେ । କିନ୍ତୁ ସଭାରେ ସମସ୍ତ ସଦସ୍ୟମାନଂକର ମତାମତକୁ ଗୁରୁତ୍ୱ ଦିଆଯାଇ ଲିପିବଦ୍ଧ କରାଯିବ । ଜଳବିଭାଜିକା କମିଟିରେ ଅତିକମରେ ୧୦ ଜଣ ସଦସ୍ୟ ରହିବେ ଯେଉଁଥିରେ ୫୦% ସଦସ୍ୟ ସ୍ୱୟଂ ସହାୟିକା ଗୋଷ୍ଠୀ, ବ୍ୟବହାରିକ ଦଳ, ହରିଜନ/ ଆଦିବାସୀ, ମହିଳା ଓ ଭୂମିହୀନ ହେବା ଆବଶ୍ୟକ । କମିଟିରେ ଅତିକମରେ ୩୩% (୧/୩ ଭାଗ) ମହିଳା ରହିବା ଆବଶ୍ୟକ । କମିଟିକୁ ଜଣେ ଜଳବିଭାଜିକା ପରିଚାଳନା ଦଳର ସଦସ୍ୟ (WMT) ନୋମୀନେଟ୍ ହୋଇପାରିବେ ।

## ସଂଗଠନର ସଦସ୍ୟତା:

ଜଳବିଭାଜିକା ପ୍ରକଳ୍ପରେ ତିନି ପ୍ରକାରର ସଦସ୍ୟ ରହି ପାରିବେ

**୧. ସାଧାରଣ ସଦସ୍ୟ** : ଜଳବିଭାଜିକାରେ ବସବାସ କରୁଥିବା ସମସ୍ତ ସାବାଳକ ଏହାର ସଦସ୍ୟ ହୋଇପାରିବେ

**୨. ନୋମୀନେଟେଡ୍ ସଦସ୍ୟ** : ଏହି ସଦସ୍ୟମାନେ ଜଳବିଭାଜିକାର ସାଧାରଣ ସଭା କିମ୍ବା ପ୍ରକଳ୍ପ ନିର୍ବାହୀ ଅଧିକାରୀ ଦ୍ୱାରା ନୋମୀନେଟ୍ ହେବେ । ଏହି ସଦସ୍ୟ ମାନଙ୍କର ଭୋଟ ଦେବାର ଅଧିକାର ରହିବ ନାହିଁ । ସାଧାରଣତଃ ସ୍ଥାନୀୟ ସ୍କୁଲ ଶିକ୍ଷକ, ଅଂଗନବାଡି କର୍ମୀ, ସରକାରୀ ଅଧିକାରୀ, ସ୍ଥାନୀୟ ଏନ.ଜି.ଓ. କର୍ମୀ ମାନଂକୁ ଏହି ସଦସ୍ୟତା ପ୍ରଦାନ କରାଯାଇପାରିବ

**୩. ଏକସ୍ ଅଫିସିଓ ସଦସ୍ୟ** : ପ୍ରକଳ୍ପ ନିର୍ବାହୀ ଅଧିକାରୀ କିମ୍ବା ତାଂକ ଦ୍ୱାରା ପ୍ରେରିତ କୌଣସି ବ୍ୟକ୍ତିକୁ ଏହି ସଦସ୍ୟତା ପ୍ରଦାନ କରାଯାଇପାରିବ

### ଜଳବିଭାଜିକା କମିଟି

| | |
|---|---|
| ସଭାପତି/ ଚେୟାରମ୍ୟାନ | ଜଳବିଭାଜିକା ସଂଗଠନରୁ ନିର୍ବାଚନ/ ଚୟନ ଦ୍ୱାରା |
| ସେକ୍ରେଟାରୀ ବା ସମ୍ପାଦକ | ଜଳବିଭାଜିକା ସଂଗଠନରୁ ନିର୍ବାଚନ/ ଚୟନ ଦ୍ୱାରା |
| ସଦସ୍ୟ (୧୦-୧୨ ଜଣ) | ଜଳବିଭାଜିକା ସଂଗଠନରୁ ନିର୍ବାଚନ/ ଚୟନ ଦ୍ୱାରା |
| ବ୍ୟବହାରିକ ଦଳ ରୁ (୪-୫ ଜଣ) | |
| ସ୍ୱୟଂ ସହାୟିକା ଗୋଷ୍ଠୀରୁ (୩-୪ ଜଣ) | |
| ୱାର୍ଡ ମେମ୍ବର୍ (ସବୁ ଗ୍ରାମର) | ଏକସ୍ ଅଫିସିଓ ସଦସ୍ୟ |
| ଜଳବିଭାଜିକା ପରିଚାଳନା ଦଳ ର ସଦସ୍ୟ (WMT) (୧ ଜଣ) | ଏକସ୍ ଅଫିସିଓ ସଦସ୍ୟ |
| ସରକାରୀ ପଦାଧିକାରୀ / ଅନ୍ୟାନ୍ୟ | ନୋମୀନେଟେଡ |

## ହିସାବ କିତାବ:

ସମସ୍ତ ପ୍ରକାରର ହିସାବ କିତାବ ଜଳବିଭାଜିକା କମିଟି ସ୍ତରରେ ରଖାଯିବ । ପ୍ରତି ଜଳବିଭାଜିକାର ଦୁଇଟି ବ୍ୟାଂକ ଖାତା ରହିବ, ଗୋଟିଏ ପ୍ରକଳ୍ପ ଆକାଉଣ୍ଟ ଓ ଆଉ ଗୋଟିଏ ଜଳବିଭାଜିକା ଉନ୍ନୟନ ଫଣ୍ଡ (WDF) ଆକାଉଣ୍ଟ । ଏହି ଖାତା ଗୁଡିକ ନିକଟବର୍ତ୍ତୀ ଜାତୀୟକରଣ ବ୍ୟାଂକରେ ଖୋଲା ଯିବା ଆବଶ୍ୟକ । ସମ୍ପାଦକ ହିଁ ସମସ୍ତ କ୍ୟାସ୍ ବୁକ୍ ଓ ଅନ୍ୟାନ୍ୟ ଖାତା ବହି ଲେଖିବା ଦାୟିତ୍ୱରେ ରହିବେ ।

| ବଜେଟ୍ ବିଭାଗ | ବଜେଟ୍ ର ଶତକଡା ଭାଗ |
|---|---|
| ପ୍ରଶାସନିକ ବ୍ୟୟ | ୧୦ |
| ତଦାରଖ | ୧ |
| ମୁଲ୍ୟାୟନ | ୧ |
| **ପ୍ରସ୍ତୁତି ପର୍ଯ୍ୟାୟ** | |
| ପ୍ରାରମ୍ଭିକ କାର୍ଯ୍ୟ (Entry Point Activity) | ୪ |
| ସଂସ୍ଥା ଓ ଦକ୍ଷତା ବୃଦ୍ଧି | ୫ |
| ବିଶଦ ପ୍ରକଳ୍ପ ରିପୋର୍ଟ | ୧ |
| **ଜଳଛାୟା କାମର ପର୍ଯ୍ୟାୟ** | |
| ଜଳବିଭାଜିକା ଉନ୍ନୟନ କାମ | ୫୬ |
| ସମ୍ପତ୍ତିହୀନ ବ୍ୟକ୍ତିକଂ ପାଇଁ ଜୀବିକା ଉପାର୍ଜନ | ୯ |
| ଉତ୍ପାଦନ ବ୍ୟବସ୍ଥା ଓ କ୍ଷୁଦ୍ର ବ୍ୟବସାୟ | ୧୦ |
| **ସୁଦୃଢୀକରଣ ପର୍ଯ୍ୟାୟ** | ୩ |
| **ସମୁଦାୟ** | ୧୦୦ |